# ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 01-12-2023

ଗଜପତି(ଓଡିଶା) - :2023-12-01 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2023-12-02 | 2023-12-03 | 2023-12-04 | 2023-12-05 | 2023-12-06 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 5.0 | 30.0 | 70.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 32.0 | 31.0 | 30.0 | 29.0 | 27.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 21.0 | 21.0 | 22.0 | 23.0 | 23.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 82 | 80 | 95 | 98 | 97 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 34 | 40 | 75 | 93 | 90 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 8 | 9 | 8 | 7 | 6 |
| ପବନର ଦିଗ (ଡିଗ୍ରୀ) | 90 | 68 | 69 | 72 | 81 |
| ମେଘାଛନ୍ନ (ଅକ୍ଟା) | 3 | 4 | 6 | 7 | 7 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିପାରେ ଏବଂ ତା'ପରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ହାଲୁକା ରୁ ପ୍ରବଳ ବର୍ଷା ହେବା ସହିତ ଆକାଶ ଆଂଶିକ ମେଘୁଆ ରୁ ସାଧାରଣତଃ ମେଘାଛନ୍ନ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୬.୦ ରୁ ୦୯.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୭.୦° ସେଲସିୟସ ରୁ ୩୨.୦° ସେଲସିୟସ ଏବଂ ୨୧.୦° ସେଲସିୟସ ରୁ ୨୩.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୮୦ ରୁ ୯୮ ଶତକଡା ଏବଂ ୩୪ ରୁ ୯୩ ଶତକଡା ମଧ୍ୟରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୨.୧° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୦.୪° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦.୦ ମିଲିମିଟର ବର୍ଷା ହୋଇଅଛି । ରବିବାର ଠାରୁ ହେବାକୁ ଥିବା ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଧାନ ୮୫ ଶତକଡା ପାଚି ଯାଇଥିଲେ ଅମଳ କରିଦିଅନ୍ତୁ । ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । କଟା ହୋଇଯାଇଥିବା ଧାନର ଯଦି ବେଙ୍ଗଳା ସମ୍ଭବ ହୋଇପାରୁ ନାହିଁ ତେବେ ପଲିଥିନ ଘୋଡାଇ ସୁରକ୍ଷିତ ରଖନ୍ତୁ । ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଏବଂ ନାଳୀ ମୁହଁ କୁ ଖୋଲା ରଖନ୍ତୁ । ଅମଳ ହୋଇଥିବା ଧାନକୁ ଜମିରେ ଛାଡନ୍ତୁ ନାହିଁ । ଧାନ ଗଛ ପଡିଯାଇଥିଲେ ବର୍ଷା ପରେ ହଳା କରି ଠିଆ କରନ୍ତୁ । ବର୍ଷା ପରେ ପନିପରିବା ଫସଲରେ ଝାଉଁଳା ଓ ମୂଳସଢା ରୋଗ ଦେଖା ଦେବାର ସମ୍ଭାବନା ରହିଛି, ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟଲାଗଜିଲ ଓ ମଙ୍କୋଜେବ ର ମିଳିତ ମିଶ୍ରଣ ଓ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ମିଶାଇ ଏହି ଦ୍ରବଣକୁ ଫସଲର ମୂଳକୁ ଭିଜାନ୍ତୁ । କୀଟନାଶକ ଔଷଧ ସିଞ୍ଚନ ଓ ଜଳସେଚନ ସାମୟିକ ବନ୍ଦ ରଖନ୍ତୁ । ପନିପରିବା ଫସଲର ତଳିଘେରାକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । ସମସ୍ତ ରବି ଜାତୀୟ ଫସଲର ବୁଣାବୁଣି ସାମୟିକ ସ୍ଥଗିତ ରଖନ୍ତୁ । ସମସ୍ତ ଡାଲି, ତୈଳବୀଜ, ପନିପରିବା, ଫଳ ଆଦି ଅଣଧାନ ଜାତୀୟ

| |
|---|
| ଫସଲ ରୁ ଅତ୍ୟଧିକ ଜଳ ନିଷ୍କାସନ କରିବା ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ । ଅମୃତଭଣ୍ଡା, କଦଳୀ, ଏବଂ ପିଜୁଳି ପରି ନୂଆ ଫଳ ହୋଇଥିବା ଗଛ ଗୁଡିକୁ ଢେରା/ଭରା ଦିଅନ୍ତୁ । ଯଥାଶୀଘ୍ର ପାଚିଲା ଫଳ ଅମଳ କରନ୍ତୁ ଏବଂ ବଜାରରେ ବିକ୍ରୟ କରନ୍ତୁ । ପନିପରିବା ଫସଲରେ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । ଯଦି ସମ୍ଭବ ବର୍ଷା ସମୟରେ ପଶୁମାନଙ୍କୁ ଗୁହାଳ ଭିତରେ ରଖନ୍ତୁ । ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ୩ ରୁ ୫ ଦିନ ପାଇଁ ଖାଦ୍ୟ ସଂଗ୍ରହ କରି ରଖନ୍ତୁ । ବର୍ଷା ପୂର୍ବରୁ ଗୁହାଳ ଗୁଡିକୁ ମରାମତି କରନ୍ତୁ । ବର୍ଷା ସମୟରେ ପଶୁମାନଙ୍କୁ ଘର ଭିତରେ ରଖନ୍ତୁ । ବର୍ଷା ଦାଉରୁ ନଷ୍ଟ ନହେବା ପାଇଁ ଚାରା କୁ ଏକ ସୁରକ୍ଷିତ ସ୍ଥାନରେ ରଖନ୍ତୁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ଫସଲର ଗୁଣ ନ କମିବା ପାଇଁ ଯଥା ଶୀଘ୍ର ବର୍ଷା ପୂର୍ବରୁ ପରିପକ୍ୱ ହରଡ, ମାଣ୍ଡିଆ, କପା, ପନିପରିବା ଏବଂ ଫୁଲ ଅମଳ କରନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ରୁଆ ଧାନ ବର୍ତମାନ ମଞ୍ଜି ପୂରଣ ରୁ ଅମଳ (୧୪ – ୧୭ ସପ୍ତାହ) ଅବସ୍ଥାରେ ଅଛି । ପାକଳ ଧାନ ଗୁରୁବାର ପୂର୍ବରୁ ଅମଳ କରନ୍ତୁ ଓ ଅମଳ ହୋଇଥିବା ଫସଲକୁ ବର୍ଷା ଜନିତ କ୍ଷତି ରୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନ କୁ ନିଅନ୍ତୁ । |
| ତୁଳା | ବୁଣା ଯାଇଥିବା କପା ବର୍ତମାନ ଫଳ ବୃଦ୍ଧି ହେବା ରୁ ଫଳ ଫାଟିବା (୨୦- ୨୨ ସପ୍ତାହ) ଅବସ୍ଥାରେ ଅଛି । ପାକଳ କପା ଗୁରୁବାର ପୂର୍ବରୁ ଅମଳ କରନ୍ତୁ ଓ ସୁରକ୍ଷିତ ସ୍ଥାନରେ ରଖନ୍ତୁ । |
| ମସୁର/ ହରଡ଼ | ହରଡ ବର୍ତମାନ (୧୮ – ୧୯ ସପ୍ତାହ) ଛୁଇଁ ରୁ ମଞ୍ଜି ହେବା ଅବସ୍ଥାରେ ଅଛି । ପାକଳ ଛୁଇଁ ଗୁଡିକୁ ଗୁରୁବାର ପୂର୍ବରୁ ଅମଳ କରନ୍ତୁ ଓ ଅମଳ ହୋଇଥିବା ଫସଲକୁ ବର୍ଷା ଜନିତ କ୍ଷତି ରୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନ କୁ ନିଅନ୍ତୁ । |
| ମାଣ୍ଡିଆ | ମାଣ୍ଡିଆ ମଞ୍ଜି ପାକଳ ରୁ ଅମଳ ହେବା ଅବସ୍ଥାରେ ଅଛି । ପାକଳ ମାଣ୍ଡିଆ ଗୁରୁବାର ପୂର୍ବରୁ ଅମଳ କରନ୍ତୁ ଓ ସୁରକ୍ଷିତ ସ୍ଥାନ କୁ ନିଅନ୍ତୁ । |

### ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବନ୍ଧାକୋବି | କୋବି ଜାତୀୟ ଫସଲ ଆଦି କୁ ପ୍ଲାଷ୍ଟିକ ଜରି ଆଦି ଘୋଡାଇ ଅତ୍ୟଧିକ ବର୍ଷା ଦାଉରୁ ରକ୍ଷା କରନ୍ତୁ । |

### ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | ଶୀତ ଦିନେ ପ୍ରାୟତଃ ମହାମାରୀ କ୍ଷତ ରୋଗ ମାଛ ମାନଙ୍କ ଠାରେ ଦେଖାଯାଏ । ଏହା ଏକ ସଂକ୍ରାମକ ରୋଗ । ଥରେ ଗୋଟିଏ ମାଛ କୁ ରୋଗ ହେଲେ ଆସ୍ତେ ଆସ୍ତେ ଅନ୍ୟ ମାଛ କୁ ବ୍ୟାପିଥାଏ । ଏହି ରୋଗ ରେ ପ୍ରଥମେ ମାଛ ର ଦେହ ରେ ନାଲି ନାଲି ଦାଗ ହୁଏ ଓ ପରେ ଖଣ୍ଡିଆ ହୋଇ ଘା’ ହୋଇଯାଏ। ଏହି ରୋଗ ର ନିରାକରଣ ପାଇଁ ସିଫାକ୍ସ (CIFAX) କୁ ଏକ ଏକର ପୋଖରୀ ପିଛା ୪୦୦ ମିଲି ହିସାବରେ ପ୍ରୟୋଗ କରନ୍ତୁ ଏବଂ ଅକ୍ଟୋବର ମାସ ରୁ ଆରମ୍ଭ କରି ଜାନୁୟାରୀ ପର୍ଯ୍ୟନ୍ତ ପ୍ରତି ମାସ ବ୍ୟବହାର କରନ୍ତୁ । |